ଓଡ଼ିଶା ରାଜ୍ୟ

ବନାମ

ଡ. ଶିବଶଙ୍କର ଲାଲ ବାଜୋରିଆ ଏବଂ ଅନ୍ୟ ଜଣେ

ସେପ୍ଟେମ୍ବର 6,1994

[କେ. ରାମାସ୍ୱାମୀ ଏବଂ ଏନ୍. ଭେଙ୍କଟଚଲା, ନ୍ୟାୟମୂର୍ତ୍ତି ଦ୍ୱୟ]

*ସେବା ଆଇନ :*

*ନିଯୁକ୍ତି—ଏକ ଭେଷଜ ମହାବିଦ୍ୟାଳୟରେ ହୃଦ୍ ରୋଗ ବିଭାଗର ସହାୟକ ପ୍ରଫେସର—ଅନ୍ୟ ଜଣେ ବ୍ୟକ୍ତିଙ୍କ ଦ୍ୱାରା ଆପତ୍ତି କରାଯାଇ—ଉଚ୍ଚ ନ୍ୟାୟାଳୟ ରାଜ୍ୟକୁ ତାଙ୍କ ଦାବିକୁ ବିଚାର କରିବାକୁ ନିର୍ଦ୍ଦେଶ ଦେଇ—କେବଳ ଗୋଟିଏ ପଦବୀ ଉପଲବ୍ଧ—ଉଚ୍ଚ ନ୍ୟାୟାଳୟଙ୍କର ନିର୍ଦ୍ଦେଶ କାର୍ଯ୍ୟକ୍ଷମ ନୁହେଁ ଏବଂ ତେଣୁ ଏହାକୁ ରଦ୍ଦ କରିଦିଆଗଲା ।*

**ଆବେଦନକାରୀ ରାଜ୍ୟ, କଟକର ଏସ୍. ସି. ବି. ଭେଷଜ ମହାବିଦ୍ୟାଳୟରେ ହୃଦ୍ ରୋଗ ବିଭାଗରେ ସହକାରୀ ପ୍ରଫେସର ପଦବୀ ସୃଷ୍ଟି କରିଥିଲେ ଏବଂ ସ୍ଥାନାନ୍ତର ପରେ ଏହି ପଦବୀରେ ଜଣେ 'ୟୁ' ଙ୍କୁ ନିଯୁକ୍ତ କରିଥିଲେ । ପ୍ରତିବାଦୀ ଉଚ୍ଚ ନ୍ୟାୟାଳୟରେ ଏକ ରିଟ୍ ଆବେଦନ ଦାଖଲ କରି ନିଯୁକ୍ତିର ବୈଧତାକୁ ଆପତ୍ତି କରିଥିଲେ । ସରକାର ଉକ୍ତ ନିଯୁକ୍ତି ପ୍ରତ୍ୟାହାର କରିନେଇଥିଲେ, ତେଣୁ ଏହି ଆବେଦନ ଖାରଜ ହୋଇଯାଇଥିଲା । ପରବର୍ତ୍ତୀ ସମୟରେ, ଉକ୍ତ ପଦବୀ ପାଇଁ ଜଣେ 'ଏସ୍' ନିଯୁକ୍ତ ହୋଇଥିଲେ ଏବଂ ପ୍ରତିବାଦୀ ଏହାକୁ ଉଚ୍ଚ ନ୍ୟାୟାଳୟରେ ଆପତ୍ତି କରିଥିଲେ, ଯାହା ଆବେଦନକାରୀଙ୍କୁ ପ୍ରତିବାଦୀଙ୍କର ଦାବି ଉପରେ ବିଚାର କରିବାକୁ ନିର୍ଦ୍ଦେଶ ଦେଇଥିଲେ ।**

**ଆବେଦନକୁ ଅନୁମତି ଦେଇ, ଏହି ନ୍ୟାୟାଳୟ ଦର୍ଶାଇଥିଲେ :**

**1. 1983 ମସିହା ଫେବୃଆରୀ 3 ତାରିଖ ସୁଦ୍ଧା 'ଏସ୍' ର ନିଯୁକ୍ତି ବେଆଇନ ବୋଲି ଘୋଷଣାର ଅନୁପସ୍ଥିତିରେ ଏବଂ ଯେତେବେଳେ ଉଚ୍ଚ ନ୍ୟାୟାଳୟ ନିର୍ଦ୍ଦିଷ୍ଟ ଭାବେ ସେହି ପ୍ରଶ୍ନରେ ପ୍ରବେଶ କରିବାକୁ ମନା କରିଦେଇଥିଲେ, ସେତେବେଳେ ଉଚ୍ଚ ନ୍ୟାୟାଳୟଙ୍କ ନିର୍ଦ୍ଦେଶ ଅନୁଯାୟୀ ପ୍ରତିବାଦୀଙ୍କ ଦାବିକୁ ବିଚାର କରିବା ପାଇଁ କୌଣସି ଖାଲି ପଦବୀ ନାହିଁ । ଏହି ପରିସ୍ଥିତି ଉଚ୍ଚ ନ୍ୟାୟାଳୟଙ୍କର ଆଦେଶକୁ କାର୍ଯ୍ୟକ୍ଷମ କରେ ନାହିଁ ।**

**2. ହୃଦ୍ ରୋଗ ବିଭାଗରେ ସହକାରୀ ପ୍ରଫେସରର ଏକରୁ ଅଧିକ ପଦବୀ ଉପଲବ୍ଧ ଅଛି କି ନାହିଁ ତାହା ଦର୍ଶାଇବାକୁ ଏହି ନ୍ୟାୟାଳୟର ନିର୍ଦ୍ଦେଶ, ପ୍ରତିବାଦୀଙ୍କ ଦାବି ବିଚାର କରିବା ପାଇଁ ଆବଶ୍ୟକ ଜବାବ ରଖିବାରେ ବିଫଳ ହୋଇଛି । ଦାଖଲ ହୋଇଥିବା ସତ୍ୟପାଠରେ ଆବଶ୍ୟକ ଜବାବ ରଖିବାକୁ କୁହାଯାଇଛି | ଦାଖଲ ହୋଇଥିବା ସତ୍ୟପାଠରେ ଏହା ସ୍ପଷ୍ଟ ହୋଇଛି ଯେ ହୃଦ୍ ରୋଗ ବିଭାଗର ସହକାରୀ ପ୍ରଫେସରଙ୍କ ବର୍ତ୍ତମାନର ପଦବୀ, ଯେଉଁଥିପାଇଁ ପ୍ରତିବାଦୀଙ୍କ ନିଯୁକ୍ତି ପାଇଁ ଦାବି ବିଚାର କରିବାକୁ ହେବ, ଯାହା ପୂର୍ବରୁ 'ଏସ୍' ଦ୍ୱାରା ଅଧିକୃତ**

**ହୋଇସାରିଛି । ବର୍ତ୍ତମାନ ସୁଦ୍ଧା ସେହି ପଦବୀରେ ଥିବା 'ଏସ୍' ଙ୍କ ନିଯୁକ୍ତିର ବୈଧତା ଉପରେ ବିଚାର କରିବାକୁ ଉଚ୍ଚ ନ୍ୟାୟାଳୟ ନିର୍ଦ୍ଦିଷ୍ଟ ଭାବେ ମନା କରିଦେଇଥିବାରୁ, ଏହା ଏକ ଖାଲି ପଦବୀ ଭାବେ ଉପଲବ୍ଧ ନାହିଁ, ଯେଉଁଥିପାଇଁ ଉଚ୍ଚ ନ୍ୟାୟାଳୟଙ୍କ ନିର୍ଦ୍ଦେଶ ଅନୁଯାୟୀ ପ୍ରତିବାଦୀଙ୍କ ଦାବି ଉପରେ ବିଚାର କରାଯାଇପାରିବ । ଏହା କୁହାଯାଇପାରିବ ନାହିଁ ଯେ ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରା ଦିଆଯାଇଥିବା ଘୋଷଣାକୁ ଦୃଷ୍ଟିରେ ରଖି ଯେ 1979 ମସିହାରେ ଯେତେବେଳେ 'ଏସ୍' ବିଚାର ପାଇଁ ଯୋଗ୍ୟ ନଥିଲେ, ସେତେବେଳେ ପ୍ରତିବାଦୀ ଏହି ପଦବୀ ପାଇଁ ବିଚାର ପାଇଁ ଯୋଗ୍ୟ ଥିଲେ, ତାଙ୍କର ପରବର୍ତ୍ତୀ ନିଯୁକ୍ତି 1979 ମସିହାରେ ଥିବା ଏକ ଖାଲି ପଦବୀରେ ନିଯୁକ୍ତି ପାଇଁ ପ୍ରତିବାଦୀଙ୍କ ମାମଲାର ବିଚାର ମାର୍ଗରେ ଆସିବା ଉଚିତ ନୁହେଁ ।**

ଦେୱାନୀ ଅପିଲ ଅଧିକାରିତା :ଦେୱାନୀ ଆବେଦନ ସଂଖ୍ୟା 4456/1986

ଓଡ଼ିଶା ଉଚ୍ଚ ନ୍ୟାୟାଳୟର ଓ. ଜେ. ସି. ସଂଖ୍ୟା 428/1983 ରେ 28.2.86 ତାରିଖର ରାୟ ଏବଂ ଆଦେଶରୁ ।

ଆବେଦନକାରୀଙ୍କ ପାଇଁ  ରାଜିନ୍ଦର ସଚ୍ଚର, ଏ. କେ. ପଣ୍ଡା, ଏନ୍. କେ. ଶର୍ମା ଏବଂ ସଞ୍ଜୀବ ଦାସ

ପ୍ରତିବାଦୀ ସଂଖ୍ୟା 1 ଙ୍କ ପାଇଁ ସୋଲି ଜେ. ସୋରାବଜୀ, ପି. ଏନ୍. ମିଶ୍ର ଏବଂ ଏ. ସି. ପ୍ରଧାନ ।

ପ୍ରତିବାଦୀ ସଂଖ୍ୟା 2 ଙ୍କ ପାଇଁ ଜନରଞ୍ଜନ ଦାସ।

ପ୍ରତିବାଦୀ ସଂଖ୍ୟା 3 ଙ୍କ ପାଇଁ ଗାଗ୍ରାଟ୍ ଏବଂ କୋ. (ଏନ୍.ପି.) ଏବଂ କେ. କେ. ଗୁପ୍ତା (ଏନ୍. ପି.) ।

ନ୍ୟାୟାଳୟର ନିମ୍ନଲିଖିତ ଆଦେଶ ପ୍ରଦାନ କରାଯାଇଥିଲା :

କଟକ ସ୍ଥିତ ଓଡ଼ିଶା ଉଚ୍ଚ ନ୍ୟାୟାଳୟଙ୍କର ଖଣ୍ଡପୀଠର ଓଜେସି ସଂଖ୍ୟା 428/1983 ର 28 ଫେବୃଆରୀ, 1986 ତାରିଖର ରାୟରୁ ସ୍ୱତନ୍ତ୍ର ଅନୁମତି ଦ୍ୱାରା ଏହି ଆବେଦନ ଉତ୍ପନ୍ନ ହୋଇଛି ।

1979 ମସିହା ଏପ୍ରିଲ 19 ତାରିଖରେ ଜି. ଏସ୍. ସଂଖ୍ୟା 15882-H ରେ ରାଜ୍ୟ ସରକାର କଟକର ଏସ୍. ସି. ବି. ମେଡ଼ିକାଲ କଲେଜ ହସ୍ପିଟାଲରେ ହୃଦରୋଗ ବିଜ୍ଞାନ ବିଭାଗରେ ଏକ ସହାୟକ ପ୍ରଫେସର ପଦବୀ ସୃଷ୍ଟି କରିଥିଲେ । ଶିଶୁରୋଗ ବିଭାଗର ସହାୟକ ପ୍ରଫେସର ଥିବା ଡ. ଉର୍ମିଳା କୁମାରୀ ସ୍ୱାଇଁଙ୍କୁ 1979 ମସିହା ନଭେମ୍ବର 9 ତାରିଖର ଆଦେଶରେ ହୃଦ୍ ରୋଗ ବିଭାଗର ସହାୟକ ପ୍ରଫେସର ଭାବେ ସ୍ଥାନାନ୍ତରଣ ଦ୍ୱାରା ନିଯୁକ୍ତି ଦିଆଯାଇଥିଲା । ଡ. ଏସ୍. ଏଲ୍. ବାଜୋରିଆ ଉକ୍ତ ନିଯୁକ୍ତିର ବୈଧତାକୁ ଏକ ପୃଥକ ରିଟ୍ ଆବେଦନ ଦ୍ୱାରା ଆପତ୍ତି କରିଥିଲେ । ତେବେ ସରକାର ଉକ୍ତ ନିଯୁକ୍ତିକୁ ପ୍ରତ୍ୟାହାର କରିନେବା ପରେ ରିଟ୍ ଆବେଦନ ଖାରଜ ହୋଇଯାଇଥିଲା । ପରବର୍ତ୍ତୀ ସମୟରେ, ଯେତେବେଳେ 1983 ମସିହା ଫେବୃଆରୀ 3 ତାରିଖରେ ଡ. ମୃତ୍ୟୁଞ୍ଜୟ ଶତପଥୀ ହୃଦ୍ ରୋଗ ବିଭାଗର ସହକାରୀ ପ୍ରଫେସର ଭାବେ ନିଯୁକ୍ତ ହୋଇଥିଲେ, ସେହି ନିଯୁକ୍ତିକୁ ମଧ୍ୟ ଡ. ବାଜୋରିଆଙ୍କ ଦ୍ୱାରା ରିଟ୍ ଆବେଦନରେ ଆପତ୍ତି କରାଯାଇଥିଲା, ଯେଉଁଥିରୁ ବର୍ତ୍ତମାନର ଆବେଦନ ଉତ୍ପନ୍ନ

ହୋଇଛି । ଏଥିରେ ଡ. ବାଜୋରିଆ ଡ. ଶତପଥୀଙ୍କୁ ପ୍ରତିବାଦୀ ସଂଖ୍ୟା 2 ଏବଂ ରାଜ୍ୟକୁ ପ୍ରତିବାଦୀ ସଂଖ୍ୟା 1 ଭାବେ ପକ୍ଷଭୁକ୍ତ କରିଥିଲେ । ଡ. ମୃତ୍ୟୁଞ୍ଜୟ ଶତପଥୀଙ୍କ ନିଯୁକ୍ତିକୁ ନାକଚ କରିବା ଏବଂ 1979 ମସିହାରୁ ତାଙ୍କୁ ସେହି ପଦବୀରେ ନିଯୁକ୍ତି ପାଇଁ ଯୋଗ୍ୟ ବୋଲି ବିବେଚନା କରିବାକୁ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଜାରି କରିବା ପାଇଁ ସେହି ରିଟ୍ ଆବେଦନରେ ପ୍ରତିକାର ପାଇଁ ଅନୁରୋଧ କରାଯାଇଥିଲା । ଉଚ୍ଚ ନ୍ୟାୟାଳୟ ରାୟରେ ଦର୍ଶାଇଥିଲେ ଯେ 1970 ନିୟମାବଳୀ ଅନୁଯାୟୀ  ଡ. ବାଜୋରିଆ ସହକାରୀ ପ୍ରଫେସର ପଦବୀରେ ପଦୋନ୍ନତି ପାଇଁ ଯୋଗ୍ୟ ବିବେଚିତ ଥିଲେ ଯେଉଁଥିରେ ଡ. ୟୁ. କେ. ସ୍ୱାଇଁଙ୍କୁ ନିଯୁକ୍ତ କରାଯାଇଥିଲା ଏବଂ ନିଯୁକ୍ତି ପାଇଁ ତାଙ୍କ ମାମଲା ଉପରେ ବିଚାର ନ କରିବା ଅନ୍ୟାୟ ଥିଲା । ଏହା ମଧ୍ୟ ଦର୍ଶାଇଥିଲେ ଯେ 1979 ମସିହାରେ ଡ. ଏମ୍. ଶତପଥି ହୃଦ୍ ରୋଗ ବିଭାଗରେ ସହାୟକ ପ୍ରଫେସର ଭାବେ ନିଯୁକ୍ତି ପାଇଁ ଯୋଗ୍ୟ ନଥିଲେ ଯଦିଓ 1983 ମସିହାରେ ସେ ଏପରି ନିଯୁକ୍ତି ପାଇଁ ଯୋଗ୍ୟ ଥିଲେ । ଡ. ଶତପଥୀଙ୍କୁ ଜଣେ ସହାୟକ ପ୍ରଫେସର ଭାବେ ନିଯୁକ୍ତି ନେଇ ବିଚାର କରିବା ଅନାବଶ୍ୟକ ବୋଲି ମଧ୍ୟ ଦର୍ଶାଇଥିଲେ । ତଦନୁସାରେ, ନିମ୍ନମତେ ନିର୍ଦ୍ଦେଶ ଦିଆଯାଇଥିଲା :

> "ଫଳସ୍ୱରୂପ, ଆମେ ପ୍ରତିବାଦୀ ସଂଖ୍ୟା 1 ରାଜ୍ୟ କୁ ଆବେଦନକାରୀଙ୍କ 9.11.1979ରୁ ପିଛିଲା ପ୍ରଭାବ ସହିତ ହୃଦ୍ ରୋଗ ବିଭାଗ ସହକାରୀ ଅଧ୍ୟାପକ ପଦବୀକୁ ପଦୋନ୍ନତି କରିବାର ପ୍ରଶ୍ନକୁ ପୁନଃ ବିଚାର କରିବାକୁ ଏବଂ ଯଦି ସେ ଏପରି ପଦବୀକୁ ପଦୋନ୍ନତି ପାଇଁ ଉପଯୁକ୍ତ ବୋଲି ଜଣାପଡ଼େ, ତେବେ ତାଙ୍କୁ ସମସ୍ତ ସେବା ସୁବିଧା ଯଥା ଶୀଘ୍ର ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେବୁ" ।

ଏହି ଆଦେଶକୁ ରାଜ୍ୟ ଦ୍ୱାରା ଏହି ଆବେଦନରେ ଆପତ୍ତି କରାଯାଇଥିଲା ।

ଯଦିଓ ଆବେଦନ ଅଧୀନରେ ଆଦେଶକୁ ସମର୍ଥନ କରିବା ପାଇଁ ଯୁକ୍ତିଗୁଡିକୁ ଉପସ୍ଥାପନ କରିବାକୁ ଚେଷ୍ଟା କରାଯାଉଛି, ସେଗୁଡ଼ିକୁ ବିଚାର କରିବାର କୌଣସି ଆବଶ୍ୟକତା ଉତ୍ପନ୍ନ ହେଉ ନାହିଁ, ସରଳ କାରଣ ପାଇଁ ଯେ ଏହି ନ୍ୟାୟାଳୟର ନିର୍ଦ୍ଦେଶରେ ଆବେଦନକାରୀଙ୍କ ଦାବି ଉପରେ ବିଚାର ପାଇଁ ହୃଦବିଜ୍ଞାନର ସହକାରୀ ପ୍ରଫେସର ର ଏକରୁ ଅଧିକ ପଦବୀ ଉପଲବ୍ଧ ଅଛି କି ନାହିଁ, ତାହା ଆବଶ୍ୟକ ପ୍ରତିକ୍ରିୟା ସୃଷ୍ଟି କରିବାରେ ବିଫଳ ହୋଇଛି  । ଦାଖଲ ହୋଇଥିବା ସତ୍ୟପାଠରେ ଏହା ସ୍ପଷ୍ଟ ହୋଇଛି ଯେ ହୃଦବିଜ୍ଞାନର ସହକାରୀ ପ୍ରଫେସରଙ୍କ ବର୍ତ୍ତମାନର ପଦବୀ, ଯେଉଁଥିପାଇଁ ନିଯୁକ୍ତି ପାଇଁ ଆବେଦନକାରୀଙ୍କ ଦାବି ବିଚାର କରିବାକୁ ହେବ, ତାହା ପୂର୍ବରୁ ଡ. ଶତପଥୀଙ୍କ ଅଧୀନରେ ରହିଛି । ବର୍ତ୍ତମାନ ସୁଦ୍ଧା ସେହି ପଦବୀରେ ଥିବା ଡ. ଜି. ଶତପଥୀଙ୍କ ନିଯୁକ୍ତିର ବୈଧତା ଉପରେ ବିଚାର କରିବାକୁ ଉଚ୍ଚ ନ୍ୟାୟାଳୟ ନିର୍ଦ୍ଦିଷ୍ଟ ଭାବେ ମନା କରିଦେଇଥିବାରୁ, ଏହା ଏକ ଖାଲି ପଦବୀ ଅଲଭ୍ୟ କରେ ଯେଉଁଥିପାଇଁ ଉଚ୍ଚ ନ୍ୟାୟାଳୟଙ୍କ ନିର୍ଦ୍ଦେଶ ଅନୁଯାୟୀ ଡ. ବାଜୋରିଆଙ୍କ ଦାବିକୁ ବିଚାର କରାଯାଇ ପାରିବ । ତଥାପି, ଡ. ବାଜୋରିଆଙ୍କ ବିଦ୍ୱାନ ବରିଷ୍ଠ ଅଧିବକ୍ତା ଶ୍ରୀ ସୋଲି ଜେ ସୋରାବଜୀଙ୍କ ଦ୍ୱାରା ଏହା ଯୁକ୍ତି କରିବାକୁ ଚେଷ୍ଟା କରାଯାଇଛି ଯେ ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରା ଦିଆଯାଇଥିବା ଘୋଷଣାକୁ ଦୃଷ୍ଟିରେ ରଖି ଡ. ବାଜୋରିଆ 1979 ମସିହାରେ ଏହି ପଦବୀ ପାଇଁ ବିଚାର ପାଇଁ ଯୋଗ୍ୟ ଥିଲେ, ଯେତେବେଳେ ଡ. ୟୁ. କେ. ସ୍ୱାଇଁ ନିଯୁକ୍ତ

ହୋଇଥିଲେ ଏବଂ ଯେତେବେଳେ ଡ. ଶତପଥୀ ବିଚାର କରିବାକୁ ଯୋଗ୍ୟ ନଥିଲେ, ତାଙ୍କର ପରବର୍ତ୍ତୀ ନିଯୁକ୍ତି 1979 ମସିହାରେ ଥିବା ଏକ ଖାଲି ପଦବୀରେ ନିଯୁକ୍ତି ପାଇଁ ଡ. ବାଜୋରିଆଙ୍କ ମାମଲାର ବିଚାର ମାର୍ଗରେ ଆସିବା ଉଚିତ ନୁହେଁ । ଯୁକ୍ତିରେ ଆମେ କୌଣସି ପ୍ରଭାବ ପାଉନାହୁଁ ।

ଡକ୍ଟର ଶତପଥୀଙ୍କ ବିଦ୍ୱାନ ଅଧିବକ୍ତା ଯଥାର୍ଥରେ ଯୁକ୍ତି କରିଛନ୍ତି ଯେ ଯଦି ତାଙ୍କ ନିଯୁକ୍ତି ରଦ୍ଦ ହୋଇଥାନ୍ତା, ତେବେ ତାଙ୍କ ପାଇଁ ଏହା ଯୁକ୍ତି କରିବା ଖୋଲା ରହିଥାନ୍ତା ଯେ ଯେତେବେଳେ ସେ ନିଯୁକ୍ତ ହୋଇଥିଲେ, ସେହି ତାରିଖରେ ତାଙ୍କ ପାଖରେ ଆବଶ୍ୟକ ଯୋଗ୍ୟତା ଥିଲା, କିନ୍ତୁ ସେହି ତାରିଖରେ ଡକ୍ଟର ବାଜୋରିଆଙ୍କ ପାଖରେ ଏପରି ଯୋଗ୍ୟତା ନଥିଲା ଏବଂ ତେଣୁ, ତାଙ୍କ ନିଯୁକ୍ତି ବେଆଇନ ହୋଇନଥାନ୍ତା ଏବଂ ଅପ୍ରତିଦ୍ୱନ୍ଦୀ ରହିଥାନ୍ତା । ଯେତେବେଳେ ଡ. ଶତପଥୀଙ୍କ ନିଯୁକ୍ତିକୁ ରଦ୍ଦ କରାଯାଇ ନଥିଲା, ସେତେବେଳେ ତାଙ୍କର କୌଣସି ଅଭିଯୋଗ ନଥିଲା ଏବଂ ତେଣୁ ଉକ୍ତ କଲେଜରେ ହୃଦ୍ ରୋଗ ବିଭାଗର ସହକାରୀ ପ୍ରଫେସର ପଦବୀରେ କୌଣସି ଖାଲି ସ୍ଥାନ ନାହିଁ, ଯେଉଁଥିପାଇଁ ନିଯୁକ୍ତି ପାଇଁ ଆବେଦନକାରୀଙ୍କ ଦାବି ଉଚ୍ଚ ନ୍ୟାୟାଳୟଙ୍କ ନିର୍ଦ୍ଦେଶ ଅନୁଯାୟୀ ବିଚାର କରାଯାଇପାରିବ ।

ତେଣୁ, 1983 ମସିହା ଫେବୃଆରୀ 3 ତାରିଖ ସୁଦ୍ଧା ଡ. ଶତପଥୀଙ୍କ ନିଯୁକ୍ତି ବେଆଇନ ବୋଲି ଘୋଷଣା କରାଯିବାର ଅନୁପସ୍ଥିତିରେ ଏବଂ ଯେତେବେଳେ ଉଚ୍ଚ ନ୍ୟାୟାଳୟ ସ୍ୱତନ୍ତ୍ର ଭାବେ ଏହି ପ୍ରଶ୍ନ ଉପରେ ବିଚାର କରିବାକୁ ମନା କରିଦେଇଛନ୍ତି, ସେତେବେଳେ ଉଚ୍ଚ ନ୍ୟାୟାଳୟଙ୍କ ନିର୍ଦ୍ଦେଶ ଅନୁଯାୟୀ ଡ. ବାଜୋରିଆଙ୍କ ଦାବି ବିଚାର କରିବା ପାଇଁ କୌଣସି ପଦବୀ ଖାଲି ନାହିଁ । ଏହି ପରିସ୍ଥିତି ଉଚ୍ଚ ନ୍ୟାୟାଳୟଙ୍କର ଆଦେଶକୁ କାର୍ଯ୍ୟକ୍ଷମ କରେ ନାହିଁ । ତଦନୁସାରେ, ଆବେଦନ ଅଧୀନରେ ଥିବା ଆଦେଶ ସମର୍ଥନରେ ଦିଆଯାଇଥିବା ତର୍କକୁ ବିଚାର କରିବାର କୌଣସି ଆବଶ୍ୟକତା ନାହିଁ ।

ତଦନୁସାରେ ଆବେଦନକୁ ଅନୁମତି ଦିଆଗଲା । ପ୍ରତିବାଦୀ ସଂଖ୍ୟା 1 (ଡ. ବାଜୋରିଆ) ଙ୍କ ଦାବି ବିଚାର କରିବା ପାଇଁ ଉଚ୍ଚ ନ୍ୟାୟାଳୟଙ୍କ ଆଦେଶରେ ଦିଆଯାଇଥିବା ନିର୍ଦ୍ଦେଶକୁ ରଦ୍ଦ କରିଦିଆଗଲା । କୌଣସି ଖର୍ଚ୍ଚ ନାହିଁ ।

ଜି. ଏନ୍.　　　　ଆବେଦନକୁ ଅନୁମତି ଦିଆଗଲା ।

**ଅସ୍ୱୀକରଣ**

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ" ।

**ଅନୁବାଦିକା- ଶିବାନୀ ଦାଶ**

**ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ**